**କାଠକଟା ପଞ୍ଚାୟତରେ ଜନଶୁଣାଣି**

କଣ୍ଡିପାଳ, (ସୁଶାନ୍ତ କୁମାର ସାହୁ): କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ କାଠକଟା ପଞ୍ଚାୟତରେ ସୋମବାର ଜନଶୁଣାଣି ଅନୁଷ୍ଠିତ ହୋଇଥିଲା। ସରପଞ୍ଚ ବିଚିତ୍ର କୁମାର ଜେନାଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଅନୁସୂଚିତ ଜନଜାତି ଆୟୋଗ ସଦସ୍ୟ ଅନନ୍ତ ନାୟକ, ଆନନ୍ଦପୁର ବିଡିଓ ପଞ୍ଚାନନ ମଲ୍ଲିକ, ଅତିରିକ୍ତ ତହସିଲଦାର, ବିଦ୍ୟୁତ୍, କୃଷି, ଜଳସମ୍ପଦ ବିଭାଗ ଅଧିକାରୀ, ବ୍ୟାଙ୍କ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ। ୪୬ଟି ଅଭିଯୋଗ ହୋଇଥିଲା। ଜନଜାତି ଆୟୋଗ ସଦସ୍ୟ ଅଭିଯୋଗର ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ।

**ସଂକ୍ଷେପରେ**

## ନାଗ ଓଗାଳିଲା କୁକୁଡ଼ା ଅଣ୍ଡା



ଉଦଳା,୧୭।୭(ସନ୍ତୋଷ କୁମାର ବାଛିନୀ)- ମୟୂରଭଞ୍ଜ ଜିଲା ଉଦଳା ବନାଞ୍ଚଳ ଅଧୀନ ରାଇଦାଣ୍ଡିଆ ଗ୍ରାମର ଧରଣୀ ମଲ୍ଲିକଙ୍କ କୁକୁଡ଼ା ଭାଡ଼ିରେ ପଶିଥିବା ନାଗ ସାପ ଉଦ୍ଧାର ହୋଇଛି। ସ୍ନେକ ଲାଇଫ୍ ଲାଇନ ସଦସ୍ୟ ଅଭିନନ୍ଦନ ଦଣ୍ଡପାଟ ଉଦ୍ଧାର କରିବା ପରେ ଏହି ସାପ ଗିଳିଥିବା ୪ଟି କୁକୁଡ଼ା ଅଣ୍ଡା ଓଗାଳିଥିବା ଦେଖିବାକୁ ମିଳିଥିଲା। ପରେ ତାହାକୁ ଜଙ୍ଗଲରେ ଛାଡ଼ି ଦିଆଯାଇଥିବା ସୂଚନା ମିଳିଛି।

## ବାଇକ୍ ଧକ୍କାରେ ଆହତଙ୍କ ମୃତ୍ୟୁ

ବୈଶିଙ୍ଗା,୧୭।୭(ରତନ ଦାଶ)- ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ୧୮ନଂ. ଜାତୀୟ ରାଜପଥ ବଗଲପୁରଠାରେ ଗତ ୧୪ ତାରିଖରେ ବାଇକ୍ ଧକ୍କାରେ ଗୁରୁତର ଅବସ୍ଥାରେ ଚିକିତ୍ସାଧୀନ ଥିବା ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଦୁଃଶାସନ ମହାନ୍ତ। ସେ ରାଜପଥ ପାର୍ଶ୍ୱରେ ଏକ ତେଜରାତି ଦୋକାନ କରି ପରିବାର ପ୍ରତିପୋଷଣ କରିଥାନ୍ତି। ରାତି ପ୍ରାୟ ୯ଟା ସମୟରେ ସେ ଦୋକାନ ବନ୍ଦ କରି ଘରକୁ ଯିବାପାଇଁ ରାସ୍ତା ପାର୍ଶ୍ୱରେ ଅପେକ୍ଷା କରିଥିବା ବେଳେ ଦ୍ରୁତଗତିରେ ଆସୁଥିବା ଏକ ବାଇକ୍ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ରାସ୍ତା ପାର୍ଶ୍ୱକୁ ଛିଟିକି ପଡ଼ି ଗୁରୁତର ହୋଇଥିଲେ। ଚିକିତ୍ସା ପାଇଁ ତାଙ୍କୁ କଟକ ବଡ଼ ଡ଼ାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ରବିବାର ସେଠାରେ ତାଙ୍କର ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ଅନ୍ୟପକ୍ଷରେ ବାଇକ୍ ଚାଳକ କ୍ଷୀରୋଦ ସିଂ ମଧ ଆହତ ହୋଇ ବାରିପଦା ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ମୃତକଙ୍କ ଝିଅ ଯମୁନା ମହାନ୍ତଙ୍କ ଅଭିଯୋଗ କ୍ରମେ ପୋଲିସ ଏକ ମାମଲା(ନଂ.୨୭୫/୨୩) ରୁଜୁ କରି ତଦନ୍ତ ଜାରି ରଖିଛି।

# ଜମିବାଡ଼ି ବିବାଦ ନେଲା ଉଗ୍ରରୂପ

**■ପୁଣି ସଂଘର୍ଷ, ୧୩ ଆହତ**
**■୨ ପରିବାରରୁ ଦୁଇ ଗିରଫ**

ତିହିଡ଼ି,୧୭।୭(ସଞ୍ଜିତ୍ ବଳ)

ଭଦ୍ରକ ଜିଲା ତିହିଡ଼ି ଥାନା ଅଧୀନ ଗୁଆମାଳ ପଞ୍ଚାୟତ ମୋଡ଼ସାହି ଗ୍ରାମରେ ଜମିବାଡ଼ି ବିବାଦ ଉଗ୍ରରୂପ ନେଇଛି। ଏହାକୁ ନେଇ ୨ ପରିବାର ମଧ୍ୟରେ ସୋମବାର ସକାଳେ ପୁଣି ସଂଘର୍ଷ ଘଟିଛି। ଆକ୍ରମଣ ପ୍ରତି ଆକ୍ରମଣରେ ୧୩ ଜଣ ଆହତ ହୋଇଥିବା ବେଳେ ଜଣେ ଗୁରୁତର ଅଛନ୍ତି। ସେମାନଙ୍କୁ ଚିକିତ୍ସା ନିମନ୍ତେ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଉଭୟ ପକ୍ଷରୁ ଅଭିଯୋଗ କ୍ରମେ ପୋଲିସ ମାମଲା ରୁଜୁ କରି ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ରଘୁନାଥ ପୃଷ୍ଟି ଓ ସଞ୍ଜୟ ପୃଷ୍ଟି।

ପ୍ରକାଶ ଯେ, ଗ୍ରାମର ଶ୍ୟାମସୁନ୍ଦର ପୃଷ୍ଟି ଓ ନୃସିଂହ ପୃଷ୍ଟିଙ୍କ ପରିବାର ମଧ୍ୟରେ ଜମିଜମାକୁ ନେଇ ଶତ୍ରୁତା ଥିଲା। ଉଭୟ ପରିବାର ମଧ୍ୟରେ ବିଭିନ୍ନ ସମୟରେ କଳହ ଲାଗି ରହିଥିବା ବେଳେ ରବିବାର ଏହା ଉଗ୍ରରୂପ ନେଇଥିଲା। ରବିବାର ସକାଳେ ୨ ପରିବାର ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ପ୍ରଥମ ଦିନ ମାର୍‌ପିଟ୍‌ରେ ଆହତମାନେ ସୁସ୍ଥ ହୋଇ ନ ଥିବା ବେଳେ ପୁଣି ସଂଘର୍ଷ ଘଟିଛି। ରବିବାର ଘଟଣା ପରେ ଉଭୟ ପରିବାର ପକ୍ଷରୁ ଥାନାରେ ଏତଲା ଦିଆଯାଇଥିଲେ ମଧ୍ୟ କୌଣସି ମାମଲା ରୁଜୁ ହୋଇ ନ ଥିଲା। ସୋମବାର ପୁଣିଥରେ ଦୁଇ ପରିବାର ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଛି। ରବିବାର ଘଟଣାରେ ବାସନ୍ତୀଲତାଙ୍କ ଅଭିଯୋଗକ୍ରମେ ମାମଲା (ନଂ.୨୮୭/୨୩) ଓ ସତ୍ୟଭାମାଙ୍କ ଅଭିଯୋଗକ୍ରମେ ମାମଲା (ନଂ.୨୮୮/୨୩) ରୁଜୁ ହୋଇଛି। ସୋମବାର ଘଟଣାରେ ଉଭୟପକ୍ଷଙ୍କ ଅଭିଯୋଗକ୍ରମେ ଆଉ ୨ଟି ମାମଲା (ନଂ.୨୯୨/୨୩ ଓ ୨୯୩/୨୩) ରୁଜୁ କରାଯାଇଛି। ସୋମବାର ଗଣ୍ଡଗୋଳରେ ୩ମହିଳାଙ୍କ ସମେତ ୧୩ଜଣ ଆହତ ହୋଇଛନ୍ତି। ଆହତମାନେ ହେଉଛନ୍ତି ଗୋଟିଏ ପକ୍ଷର ନୃସିଂହ ପୃଷ୍ଟି, ଶରତ ପୃଷ୍ଟି, ନାରାୟଣ ପୃଷ୍ଟି, କନକଲତା ପୃଷ୍ଟି, ସତ୍ୟଭାମା ପୃଷ୍ଟି, କାଞ୍ଚନ ପୃଷ୍ଟି, ସାବିତ୍ରୀ ପୃଷ୍ଟି ଓ ତୁଳସୀଲତା ସାହୁ ଏବଂ ଅନ୍ୟପକ୍ଷର ବ୍ରଜକିଶୋର ପୃଷ୍ଟି, କୁଞ୍ଜବିହାରୀ ପୃଷ୍ଟି, ରାଜକିଶୋର ପୃଷ୍ଟି, ଭଞ୍ଜକିଶୋର ପୃଷ୍ଟି ଓ ସଞ୍ଜୟ ପୃଷ୍ଟି। ସେମାନଙ୍କ ମଧ୍ୟରୁ ନୃସିଂହଙ୍କ ଅବସ୍ଥା ଗୁରୁତର ଅଛି। ତେବେ ରବିବାର ଘଟଣା ପରେ ପୋଲିସ ପକ୍ଷରୁ ପଦକ୍ଷେପ ନିଆଯାଇଥିଲେ ସୋମବାର ପୁଣିଥରେ ସଂଘର୍ଷ ଘଟି ନ ଥାନ୍ତା ବୋଲି ଆଲୋଚନା ହେଉଛି।

# ଶବ ବ୍ୟବଚ୍ଛେଦ କେନ୍ଦ୍ର ଉଦ୍‌ଘାଟିତ




ଶବ ବ୍ୟବଚ୍ଛେଦ କେନ୍ଦ୍ର ଉଦ୍‌ଘାଟନ ଅବସରରେ ଉପସ୍ଥିତ ଅତିଥି।

ବାସୁଦେବପୁର, ୧୭।୭ (ନାରାୟଣ ପ୍ରସାଦ ବାରିକ୍)

ଭଦ୍ରକ ଜିଲା ବାସୁଦେବପୁର ପୌରପାଳିକା ୨୩ନଂ. ୱାର୍ଡର ଉମ୍ପିଂୟାର୍ଡଠାରେ ବହୁ ପ୍ରତୀକ୍ଷିତ ଶବ ବ୍ୟବେଚ୍ଛଦ କେନ୍ଦ୍ର ସହ ମହାପ୍ରୟାଣ ଗାଡ଼ି ସୋମବାର ଉଦଘାଟନ କରାଯାଇଛି। ଭଦ୍ରକ ଏମ୍‌ପିଙ୍କ ଆଞ୍ଚଳିକ ପାଣ୍ଠି ବିନିଯୋଗରେ ପ୍ରଥମେ ବାସୁଦେବପୁର ଡାକ୍ତରଖାନାରେ ମହାପ୍ରୟାଣ ଗାଡ଼ିର ଶୁଭାରମ୍ଭ କରାଯାଇଥିଲା। ଏମ୍‌ପି ମଞ୍ଜୁଲତା ମଣ୍ଡଳ ଓ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଗାଡ଼ି ଶୁଭାରମ୍ଭ କରିଥିଲେ। ପରେ ଉମ୍ପିଂୟାର୍ଡଠାରେ ନବନିର୍ମିତ ଶବ ବ୍ୟବଚ୍ଛେଦ କେନ୍ଦ୍ର ଉଦ୍‌ଘାଟିତ ହୋଇଛି। ମୁଖ୍ୟଅତିଥି ଭାବେ ଏମ୍‌ପି ମଣ୍ଡଳ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ବିଧାୟକ ରାଉତରାୟ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ବ୍ଲକ ଅଧକ୍ଷ ନଗେନ୍ଦ୍ର ବିଶ୍ୱାଳ, ପୌରାଧକ୍ଷା ନିବେଦିତା ବେହେରା, ସିଡିଏମ୍‌ଓ ଡା. ସନ୍ତୋଷ ପାତ୍ର, ଏସ୍‌ପି ବରୁଣ ଗୁଣ୍ଟୁପାଲି, ଡା. ଭଜହରି ସାହୁ, ଡାକ୍ତରଖାନା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଶାନ୍ତ କୁମାର ସାମନ୍ତ, ଏମ୍‌ପିଙ୍କ ପ୍ରତିନିଧି ସୁରେଶ ଚନ୍ଦ୍ର ମହାନ୍ତି, ବିଧାୟକଙ୍କ ପ୍ରତିନିଧି ଅସିତ ଦାସ, ପୌର ନିର୍ବାହୀ ଅଧିକାରୀ ମାନସ ଦଣ୍ଡପାଟ, ଭାଇସ୍ ଚେୟାରମ୍ୟାନ ଉତ୍ତମ ବାରିକ, ପୂର୍ବତନ ସରପଞ୍ଚ ଭାଗୀରଥି ବଳ, କାଉନସିଲର କବିତା ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ।

ବାସୁଦେବପୁରରେ ଶବ ବ୍ୟବଚ୍ଛେଦ କେନ୍ଦ୍ର ପ୍ରତିଷ୍ଠା ପାଇଁ ଦୀର୍ଘଦିନ ଧରି ଦାବି ହୋଇ ଆସୁଥିବା ବେଳେ ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ବିଜୟଶ୍ରୀ ରାଉତରାୟଙ୍କ ସମୟରେ ଶିଳାନ୍ୟାସ କରାଯାଇଥିଲା। ପୌରପାଳିକାର ୪ନଂ. ୱାର୍ଡରେ ସହରାଞ୍ଚଳ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ମଧ୍ୟ ଉଦ୍‌ଘାଟିତ ହୋଇଛି।

# ୪୩ ଅଭିଯୋଗର ସମାଧାନ



ଲୋକଙ୍କ ଅଭିଯୋଗପତ୍ର ଗ୍ରହଣ କରୁଛନ୍ତି ଅଧିକାରୀ।

**ଜିଲାପାଳ, ଏସ୍‌ପିଙ୍କ ମିଳିତ ଜନଶୁଣାଣି**

ଢେଙ୍କିକୋଟ,୧୭।୭(ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ଘଟଗାଁ ପଞ୍ଚାୟତ ସମିତି ସଭାଗୃହଠାରେ ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଜନଶୁଣାଣି ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଆଶିଷ ଠାକରେ ଏବଂ ଏସ୍‌ପି ନୀତିଶ କୁସଲକର ଯୋଗଦେଇ ଆସିଥିବା ମୋଟ ୪୩ ଅଭିଯୋଗର ଶୁଣାଣି କରିଥିଲେ। ଘଟଗାଁ ବ୍ଲକ ଅଧୀନ ୨୭ ପଞ୍ଚାୟତର ବିଭିନ୍ନ ଅଭିଯୋଗ ନେଇ ୪୩ଜଣ ଅଭିଯୋଗକାରୀ ଆସି ଲିଖିତ ଅଭିଯୋଗ କରିଥିଲେ। ଜିଲାପାଳ ସେସବୁକୁ ତୁରନ୍ତ ସମାଧାନ କରିଛନ୍ତି। ବ୍ଲକର ବିଭିନ୍ନ ପଞ୍ଚାୟତରୁ ଆସିଥିବା ଦିବ୍ୟାଙ୍ଗମାନଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ଦିଆଯାଇଥିବା ବିଦ୍ୟୁତ୍ ବ୍ୟାଟେରି ଚାଳିତ ଯାନ ପ୍ରଦାନ କରାଯାଇଛି। ଭୟ କରିବାର ନାହିଁ। କୌଣସି ବ୍ୟକ୍ତିଙ୍କ ଅସୁବିଧା କିମ୍ବା କୌଣସି ଅଫିସରେ ଅଫିସର ନ ଶୁଣିଲେ ମୋ ପାଖରେ ଆସି କୁହନ୍ତୁ ଏବଂ ଲିଖିତ ଅଭିଯୋଗ କରନ୍ତୁ। ଘଟଣାର ତଦନ୍ତ କରି ଦୋଷୀଙ୍କୁ ଦଣ୍ଡ ଦିଆଯିବ। ଆପଣଙ୍କ କାମ ହେବ ବୋଲି ଜିଲାପାଳ ଅଭିଯୋଗକାରୀଙ୍କୁ କହିଥିଲେ।

ଜିଲା ପ୍ରକଳ୍ପ ଅଧିକାରୀ ବିଷ୍ଣୁପ୍ରସାଦ ଆଚାର୍ଯ୍ୟ, ଘଟଗାଁ ଥାନାର ଆଇଆଇସି ଅମ୍ରିତ ସିଂହ, ତହସିଲଦାର ଜନକ କୁମାର ନାୟକ, ଉପଜିଲାପାଳ ରାମଚନ୍ଦ୍ର କିସ୍କୁ, ବ୍ଲକ ଉନ୍ନୟନ ଅଧିକାରୀ ଉମାକାନ୍ତ ପରିଡ଼ା, ବ୍ଲକ ଅତିରିକ୍ତ ଉନ୍ନୟନ ଅଧିକାରୀ ଚିତ୍ତରଞ୍ଜନ ନାୟକ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ମୁକ୍ତିକାନ୍ତ ନାୟକ, ଆଇଆଇସି ଅଞ୍ଜନ କୁମାର ପାତ୍ର, ଜିଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ବ୍ଲକ ଶିକ୍ଷାଧିକାରୀ ରଘୁନାଥ ବେହେରା, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. କିଶୋର କୁମାର ପୃଷ୍ଟି, କେନ୍ଦୁଝର ସମବାୟ ସମିତିର ଉପନିବନ୍ଧକ ଶୁଭ୍ରକାନ୍ତି ତୁଙ୍ଗ, ରେଞ୍ଜର ପ୍ରଭାସ କୁଅଁରଙ୍କ ସହ ବ୍ଲକର ସମସ୍ତ ବିଭାଗ ଅଧିକାରୀ ଯୋଗ ଦେଇଥିଲେ। ବ୍ଲକ କାର୍ଯ୍ୟାଳୟର କର୍ମଚାରୀ ଓ ବ୍ଲକ ମିଶନ ଶକ୍ତିର ମହିଳାମାନେ ସହଯୋଗ କରିଥିଲେ।

# ଏନ୍‌ଏସି ବୈଠକରେ ହୋଲ୍ଡିଂ ଟ୍ୟାକ୍ସ ପୁନଃ ନିର୍ଦ୍ଧାରଣ ଉପରେ ଗୁରୁତ୍ୱ

ଚାନ୍ଦବାଲି, ୧୭।୭(କିଶାନ ପାତ୍ର)

ଭଦ୍ରକ ଜିଲା ଚାନ୍ଦବାଲି ଏନ୍‌ଏସି ସଭାଗୃହରେ ୪ର୍ଥ କାର୍ଯ୍ୟକାରିଣୀ ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷା ଶାନ୍ତିଲତା ସେଠୀଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ଅତିଥି ଭାବେ ଚାନ୍ଦବାଲି ବିଧାୟକ ଡ. ବ୍ୟୋମକେଶ ରାୟ, କାର୍ଯ୍ୟନିର୍ବାହୀ ଅଧିକାରୀ ସତ୍ୟ ପ୍ରକାଶ ତ୍ରିପାଠୀ, ତହସିଲଦାର ସୁଶାନ୍ତ ସୂତାର ପ୍ରମୁଖ ଯୋଗ ଦେଇଥିଲେ। ସହର ମଧ୍ୟରେ ହୋଲ୍ଡିଂ ଟ୍ୟାକ୍ସ ପୁନଃ ନିର୍ଦ୍ଧାରଣ ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ପୌର ଆଇନ ୧୩୯ ଆଧାରରେ ସହର ମଧ୍ୟରେ ଛୋଟ ଓ ବଡ଼ ବ୍ୟବସାୟ ଗାଡ଼ି ପାର୍କିଂ ଫି’ ଆଦାୟ, ମୁକ୍ତା ଯୋଜନାରେ ୧୨୦ଟି ଭେଣ୍ଡିଂଜୋନ ପାଇଁ କାର୍ଯ୍ୟ ଆରମ୍ଭ, ମାଛ ଓ ମାଂସ ବିକ୍ରି ପାଇଁ ସହର ବାହାରେ ଭେଣ୍ଡିଂଜୋନ ନିର୍ମାଣ ଲାଗି ସ୍ଥିର କରାଯାଇଛି। ବୈଠକରେ ଏନ୍‌ଏସି ଉପାଧକ୍ଷ ଅମରେନ୍ଦ୍ର ସାହୁଙ୍କ ସହ ସମସ୍ତ କାଉନସିଲର ଉପସ୍ଥିତ ଥିଲେ।

# ସୁସ୍ଥ ପରିବେଶ ପାଇଁ ଗଛଟିଏ



ଚାରାରୋପଣ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କ ସହ ଅତିଥିଗଣ।

**ବନ ମହୋତ୍ସବ, ଚାରାରୋପଣ**

ରୂପସା,୧୭।୭(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ବସ୍ତା ବ୍ଲକ ଅଧୀନ ସାହାଡ଼ା ଜୟନଗର ପାଟଣା ପ୍ରାଥମିକ ବିଦ୍ୟାଳୟରେ ସୁରେନ୍ଦ୍ରନାଥ ଜେନା ସ୍ମୃତି କମିଟି ଆନୁକୂଲ୍ୟରେ ବନ ମହୋତ୍ସବ ଅବସରରେ ଚାରାରୋପଣ କରାଯାଇଛି। ସିଆର୍‌ସିସି ବିଜୟ କୁମାର ଚକ୍ରବର୍ତ୍ତୀ ସଚେତନତା ସଭାରେ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବସ୍ତା ଉପଖଣ୍ଡ ବନପାଳ ଉମାକାନ୍ତ ଦାସ ଓ ମୁଖ୍ୟବକ୍ତା ପିଞ୍ଛାବଣିଆ ଗୁରୁକୁଳ ଆଶ୍ରମ ସଞ୍ଚାଳକ ଆଚାର୍ଯ୍ୟ ବିଜୟ ଜୀ ଯୋଗଦେଇ ସୁସ୍ଥ ପରିବେଶ ପାଇଁ ଗଛଟିଏ ଜରୁରୀ। ପ୍ରତ୍ୟେକ ଛାତ୍ରୀଛାତ୍ର ସହ ଯୁବସମାଜ ଚାରାରୋପଣ କରି ସବୁଜ ରାଷ୍ଟ୍ର ଗଠନ ଦିଗରେ ଉଦ୍ୟମ କରିବା ଉଚିତ୍ ବୋଲି କହିଥିଲେ।

ସ୍ମୃତି କମିଟି ସଭାପତି ସୁମନ୍ତ କୁମାର ଜେନା ସ୍ୱାଗତ ଭାଷଣ ଓ ପ୍ରଧାନଶିକ୍ଷୟିତ୍ରୀ ରାଜଶ୍ରୀ ବିଶ୍ୱାଳ ପ୍ରାରମ୍ଭିକ ସୂଚନା ଦେଇଥିଲେ। ସମ୍ମାନନୀୟ ଅତିଥି ଭାବେ ସରପଞ୍ଚ ଜଗବନ୍ଧୁ ବର, ଖବରଦାତା ବିଜୟ କୁମାର ଭୂୟାଁ, ରବିରଞ୍ଜନ ତ୍ରିପାଠୀ, ପ୍ରତିମା ଜେନା, ଶିକ୍ଷକ ଭଗିରଥ ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ଛାତ୍ରୀଛାତ୍ରଙ୍କ ସହ ଅତିଥିମାନେ ବିଦ୍ୟାଳୟ ପରିସରରେ ବିଭିନ୍ନ କିସମର ଶତାଧିକ ଚାରାରୋପଣ କରିଥିଲେ। ପୁରାତନ ଛାତ୍ର ସଂସଦ ସଭାପତି ଶତ୍ରୁଘ୍ନ ପାତ୍ର, ସ୍ମୃତି କମିଟି ସଦସ୍ୟ ନଗେନ୍ଦ୍ର ବେହେରା, ବିନୋଦ ଦତ୍ତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଯୁବକଙ୍କୁ ହତ୍ୟା ଧମକ, ଅଭିଯୁକ୍ତ ଗିରଫ

ଉଦଳା,୧୭।୭(ସନ୍ତୋଷ କୁମାର ବାଛିନୀ)

ଉଦଳା ଥାନା ପାଟଶାଣୀପୁର ପଞ୍ଚାୟତର କାଶୀକୁଣ୍ଡଳ ଗ୍ରାମରେ ଜଣେ ବ୍ୟକ୍ତିଙ୍କୁ ବନ୍ଧୁକ ଦେଖାଇ ହତ୍ୟା ଧମକ ଦେଇଥିବା ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ତାଙ୍କଠାରୁ ଏକ ଦେଶୀ ବନ୍ଧୁକ ଜବତ ହୋଇଛି। ପାଟଶାଣୀପୁର ଅଞ୍ଚଳର ଲବିନ ଚନ୍ଦ୍ର ସିଂ ରବିବାର ଜାଲେଣି କାଠ କିଣିବା ଲାଗି ଯାଇ ଫେରୁଥିବା ସମୟରେ କାଶୀକୁଣ୍ଡଳ ଗ୍ରାମର ବାବୁଲା ଭକ୍ତା ତାଙ୍କୁ ହଠାତ୍ ଗାଳିଗୁଲଜ କରିଥିଲେ। ପରେ ସେ ଘରେ ରଖିଥିବା ଏକ ଦେଶୀ ବନ୍ଧୁକ ଆଣି ଲବିନଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଏଥିରେ ଭୟଭୀତ ହୋଇ ଲବିନ୍ ଘଟଣାସ୍ଥଳରୁ ଖସି ଚାଲିଯାଉଥିବା ବେଳେ ବାବୁଲା ତାଙ୍କୁ ଏକ କାଠଫାଳିଆରେ ମରଣାନ୍ତକ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ଲବିନ ଗୁରୁତର ହୋଇ ପଡ଼ିଥିଲେ। ପରେ ସ୍ଥାନୀୟ ଲୋକେ ତାଙ୍କୁ ଚିକିତ୍ସା ନିମନ୍ତେ ଉଦଳା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଏନେଇ ସେ ଥାନାରେ ଅଭିଯୋଗ କରିବାରୁ ପୋଲିସ୍ ଏକ ମାମଲା(ନଂ.୨୩୧/୨୩) ରୁଜୁ କରି ଅଭିଯୁକ୍ତ ବାବୁଲାଙ୍କୁ କୋର୍ଟଚାଲାଣ କରିଛି।

# ମନ୍ଦାରସାହି ସମବାୟ ସମିତିରେ ଜମାକାରୀଙ୍କ ବିକ୍ଷୋଭ

ଭୋଗରାଇ, ୧୭।୭(ପ୍ରଦୀପ ଦାସ )

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଧୀନ ମନ୍ଦାରସାହି ଆଞ୍ଚଳିକ କ୍ଷୁଦ୍ର ଚାଷୀ ଉନ୍ନୟନ ସମବାୟ ସମିତିରେ ସୋମବାର ୩ଶହରୁ ଉର୍ଦ୍ଧ୍ୱ ଜମାକାରୀ ତାଙ୍କ ସଞ୍ଚୟ ଖାତାରେ ଥିବା ଅର୍ଥ ଫେରସ୍ତ ଦାବି କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବିକ୍ଷୋଭକାରୀମାନେ ଦୀର୍ଘ ସମୟ ଧରି ନାରାବାଜି ଦେବା ପରେ ସମବାୟ ସମିତି ସଭାପତି ଓ ସମ୍ପାଦକ ସେପ୍ଟେମ୍ବରରେ ଜମାକାରୀଙ୍କ ପ୍ରାପ୍ୟ ଅର୍ଥ ଫେରସ୍ତ ଦିଆଯିବାର ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ବିକ୍ଷୋଭକାରୀମାନେ ହଟିଥିଲେ।

ସୂଚନା ଅନୁଯାୟୀ, ମନ୍ଦାରସାହି ସମବାୟ ସମିତି ଦୀର୍ଘବର୍ଷ ଧରି କ୍ଷୁଦ୍ର ଚାଷୀ ଓ ବ୍ୟବସାୟିକ ସୂତ୍ରରେ ଋଣ ଦେବା ଓ ନେବା କାର୍ଯ୍ୟ କରିଆସୁଥିବା ବେଳେ ୨୦୧୯ରେ ପୁରାତନ ପରିଚାଳନା ବୋର୍ଡକୁ ଭାଙ୍ଗି ୨୫।୭।୨୦୨୨ରେ ନୂତନ ପରିଚାଳନା କମିଟି ଗଠନ କରାଯାଇଥିଲା। ଏହି ପରିଚାଳନା କମିଟିରେ ସଭାପତି ଗଣେଶ ଚନ୍ଦ୍ର ଗିରି ନିର୍ବାଚିତ ହୋଇଥିବା ବେଳେ ସମିତି ସମ୍ପାଦକ ହରେକୃଷ୍ଣ ବେହେରା ଓ ସହସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଗିରି କାର୍ଯ୍ୟଭାର ଗ୍ରହଣ କରିଥିଲେ। ସମିତି ସହସମ୍ପାଦକଙ୍କ ବିରୋଧରେ ୩୨୮ଜଣ ଜମାକାରୀଙ୍କର ଅର୍ଥ ଅନିୟମିତତା ଅଭିଯୋଗ ହୋଇଆସୁଥିଲା ବେଳେ ସମବାୟ ସମିତି ତାଙ୍କୁ ତାଗିଦ୍ କରିବା ସହିତ ସମିତି କାର୍ଯ୍ୟାଳୟରେ ନୋଟିସ ବାହାର କରିଥିଲେ। ଏହି ସମବାୟ ସମିତିରେ ବହୁ ଜମାକାରୀ ସଞ୍ଚିତ ଅର୍ଥ ଫେରସ୍ତ ଲାଗି ସମବାୟ ସମିତି କାର୍ଯ୍ୟାଳୟକୁ ଦୌଡ଼ି ନୟାନ୍ତ ହେଉଥିବାରୁ ସମିତି ପରିଚାଳନା ବୋର୍ଡ଼ ଜମାକାରୀଙ୍କଠାରୁ ସହସମ୍ପାଦକ ଅର୍ଥ ନେଣଦେଣ ସମ୍ବନ୍ଧୀୟ ଘଟଣାର ସମସ୍ତ ବିଷୟ ଜାଣିବା ପରେ ତାଙ୍କୁ ସମସ୍ୟାର ସମାଧାନ କରିବାକୁ କୁହାଯାଇଥିଲା। ଅଦ୍ୟାବଧି ସହସମ୍ପାଦକ ଜମାକାରୀଙ୍କ ଅର୍ଥ ଫେରସ୍ତ ଦେଉ ନ ଥିବାରୁ ଗଣ୍ଡଗୋଳ ଉଗ୍ରରୂପ ଧାରଣ କରିଥିଲା। ଜମାକାରୀଙ୍କ ଅର୍ଥ ଫେରସ୍ତ ସମବାୟ ସମିତି ପ୍ରତିଶ୍ରୁତି ଦେବା ପରେ ଜମାକାରୀମାନେ ଆଶ୍ୱସ୍ତ ହୋଇଥିଲେ।

# କନ୍‌ଷ୍ଟେବଲ ସ୍ୱାମୀଙ୍କ ଆତ୍ମହତ୍ୟା

ଖଇରା, ୧୭।୭(ଉତ୍କଳବନ୍ଧୁ ପଣ୍ଡା)

ସୋର ଥାନାରେ କାର୍ଯ୍ୟରତ କନଷ୍ଟେବଲ ବିଦ୍ୟୁତ୍‌ପ୍ରଭା ରାଉତଙ୍କ ସ୍ୱାମୀ ନରେନ୍ଦ୍ର ପୃଷ୍ଟି ସୋମବାର ଖଇରା ବାସଭବନରେ ଫ୍ୟାନରେ ଶାଢି ଲଗାଇ ଆତ୍ମହତ୍ୟା କରିଛନ୍ତି । ମନୋମାଳିନ୍ୟରୁ ଏଭଳି କାଣ୍ଡ ଘଟିଥିବା ସନ୍ଦେହ କରାଯାଉଥିବା ବେଳେ ପ୍ରକୃତ ଘଟଣା ଜଣାପଡିନାହିଁ। ବହୁ ସମୟ ଧରି ସେ କବାଟ ନ ଖୋଲିବା ପରେ ପଡୋଶୀ କବାଟ ଭାଙ୍ଗି ଭିତରକୁ ପଶିଥିଲେ ଏବଂ ତାଙ୍କ ଶବ ଫ୍ୟାନରେ ଝୁଲୁଥିବା ଦେଖି ପୋଲିସକୁ ଖବର ଦେଇଥିଲେ ।

# ଟାଟା ଷ୍ଟିଲ୍ ଫାଉଣ୍ଡେଶନ ପକ୍ଷରୁ ଦକ୍ଷତା ବିକାଶ



ଯୁବତୀଯୁବକମାନଙ୍କୁ ଦକ୍ଷତା ବିକାଶ ଲାଗି ତାଲିମ ଦିଆଯାଉଛି।

ଯୋଡ଼ା,୧୭।୭(ମାନସ ମହାନ୍ତି)

କେନ୍ଦୁଝର ଜିଲାର ଯୋଡ଼ା ଅଞ୍ଚଳରେ ଟାଟା ଷ୍ଟିଲ ଫାଉଣ୍ଡେସନ (ଟିଏସ୍‌ଏଫ୍) ଦ୍ୱାରା ଅବସ୍ଥାପିତ ଦକ୍ଷତା ବିକାଶ କେନ୍ଦ୍ର ମାଧ୍ୟମରେ ସ୍ଥାନୀୟ ଅଞ୍ଚଳର ପ୍ରାୟ ୩୦୦୦ ଯୁବତୀଯୁବକ ଲାଭବାନ ହୋଇ ପାରିଛନ୍ତି। ୨୦୧୫ରେ ଯୋଡ଼ା ୱେଷ୍ଟଠାରେ ସ୍ଥାପିତ କମ୍ପ୍ୟୁଟର ପ୍ରଶିକ୍ଷଣ କେନ୍ଦ୍ରରେ ଯୋଡ଼ା ପୌରପାଳିକା,ବିଚାକୁଣ୍ଡି ଏବଂ ଆଖପାଖ ଅଞ୍ଚଳର ୨୬୬୩ ଯୁବତୀ ଯୁବକ ପଞ୍ଜୀକରଣ କରିଥିବାବେଳେ ଗତବର୍ଷଠାରୁ ବାମେବାରିଠାରେ କାର୍ଯ୍ୟକ୍ଷମ ହୋଇଥିବା କେନ୍ଦ୍ରରେ ୨୯୧ ଜଣ ପଞ୍ଜୀକୃତ ହୋଇଛନ୍ତି। ବାମେବାରି କେନ୍ଦ୍ରରେ ନିକଟବର୍ତ୍ତୀ ଜଜାଙ୍ଗ,ବନ୍ଧୁଆବେଡା, ଜୁରୁଡି, ଜଳହରି, ପଳସା, ବଳଦା ଗ୍ରାମ ପଞ୍ଚାୟତ ସମେତ ଆଖପାଖ ଅଞ୍ଚଳର ଯୁବତୀଯୁବକ ତାଲିମ ନେଇଛନ୍ତି। ଏହା ବ୍ୟତୀତ ଜିଲାର ଗୁଆଲି କେନ୍ଦ୍ରରେ ୩୦୦ ଜଣ ପଞ୍ଜୀକରଣ କରିଛନ୍ତି। ଟାଟା ଷ୍ଟିଲ୍ ଫାଉଣ୍ଡେସନ ଏବଂ ନିଟ ଫାଉଣ୍ଡେସନର ସହଭାଗୀତାରେ କାର୍ଯ୍ୟ କରୁଥିବା ଏହି କେନ୍ଦ୍ରଦ୍ୱୟରେ ବର୍ତ୍ତମାନ ୩ରୁ ୬ମାସ ଅବଧି ଥିବା ୪ଟି ପାଠ୍ୟକ୍ରମର ଶିକ୍ଷାଦାନ କରାଯାଉଛି। ଏହି କେନ୍ଦ୍ରରେ ଶିକ୍ଷାଲାଭ କରି ଖଣ୍ଡବନ୍ଧ ଖଣିର ଟାଟା ଷ୍ଟିଲ ୟୁଟିଲିଟି ଇନଫ୍ରା ସର୍ଭିସ ଲିମିଟେଡ୍‌ରେ ସେଫଟି ସୁପରଭାଇଜର ଭାବେ ନୂର୍ ମହମ୍ମଦ ନିଯୁକ୍ତି ପାଇଛନ୍ତି। ମେକାନିକାଲ ଇଞ୍ଜିନିୟରିଂରେ ଡିପ୍ଲୋମା କରି ପରବର୍ତ୍ତୀ ସମୟରେ ଏହି ଦକ୍ଷତା ବିକାଶ କେନ୍ଦ୍ରରେ ତାଲିମ ପ୍ରାପ୍ତ ହୋଇ ଯୋଡା ଅଞ୍ଚଳର ୨୩ ବର୍ଷିୟ ମୃତ୍ୟୁଞ୍ଜୟ ନାୟକ ବିଏସ ମାଇନିଂରେ ଡାଟା ଏଣ୍ଟ୍ରି ଅପରେଟର ଭାବେ କାର୍ଯ୍ୟରତ। ନୁର ଏବଂ ମୃତ୍ୟୁଞ୍ଜୟଙ୍କ ବ୍ୟତୀତ ଆହୁରି ଅନେକ ପ୍ରତିଭାବାନ ଯୁବତୀଯୁବକ ନିଜର ଦକ୍ଷତା ବୃଦ୍ଧି କରି ନିଜକୁ ସ୍ୱାବଲମ୍ବୀ କରାଇପାରିଛନ୍ତି ବୋଲି ଟାଟା ଷ୍ଟିଲ କର୍ପୋରେଟ କମ୍ୟୁନିକେଶନ ଅଧିକାରୀ ଶୁଭଙ୍କର ବେହେରା କହିଛନ୍ତି।

# ବର୍ଷାଦିନ ଆସିଲେ ବଦଳିଯାଏ ବାଣିଦା ଗାଁର ଚିତ୍ର

ଜଳେଶ୍ୱର, ୧୭।୭(ରବିନାରାୟଣ ପାତ୍ର)

ଜଳେଶ୍ୱର ବ୍ଲକ ସଦରମହକୁମା ଠାରୁ ୮ କି.ମି. ଦୂର ସୁଗୋ ପଞ୍ଚାୟତ ଅଧୀନ ବାଣିଦା ଗାଁର ଲୋକମାନେ ବିଭିନ୍ନ ସମସ୍ୟା ମଧ୍ୟରେ କାଳାତିପାତ କରୁଛନ୍ତି । ବର୍ଷା ଦିନ ଆସିଲେ ୫ହଜାର ଲୋକସଂଖ୍ୟା ବିଶିଷ୍ଟ ଏହି ଗାଁର ଚିତ୍ର ବଦଳିଯାଏ। ଲୋକମାନେ ଜଳବନ୍ଦୀରେ ରହୁଥିବା ବେଳେ ରାସ୍ତା ନ ଥିବାରୁ ପିଲାମାନେ ସ୍କୁଲକୁ ଯିବା ସମ୍ଭବ ହୋଇପାରେନାହିଁ। ପଶ୍ଚିମବଙ୍ଗର ଉଦ୍‌ବୃତ୍ତ ବର୍ଷାପାଣି ଓ ଜଳେଶ୍ୱର ସହରପଟୁ ବର୍ଷାପାଣି ଗଡିଆସି ଗାଁକୁ ଘେରି ରଖିଥାଏ । ପୂର୍ବରୁ ଏହି ପାଣି ନାମ୍ପୋ ଖାଲ ଦେଇ ନିଷ୍କାସିତ ହେଉଥିବା ବେଳେ ଏବେ ଏକପ୍ରକାର ବନ୍ଦ ହୋଇଛି। ଫଳରେ ହଜାର ହଜାର ଏକର ଚାଷଜମି ପଡିଆ ପଡୁଛି । ନିକଟରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଏକ ରାସ୍ତା ନିର୍ମାଣ ହେଉଥିଲେ ମଧ୍ୟ ତାର କଚ୍ଛପ ଅଗ୍ରଗତି ଏବଂ ମାନକୁ ଦେଖି ଯେ କେହି ବି ଅଙ୍ଗୁଳି ନିର୍ଦ୍ଦେଶ କରିବ । ସବୁ ସାହିକୁ ରାସ୍ତା ନ ଥିବାରୁ ବର୍ଷାଦିନେ ଲୋକମାନେ ଜଳବନ୍ଦୀ ଅବସ୍ଥାରେ ରୁହନ୍ତି । ରୋଗୀ ସେବା କିମ୍ବା ଆମ୍ବୁଲାନ୍ସ ଯିବା ସମ୍ଭବ ହୋଇପାରେନାହିଁ। ଏହି ଗାଁର ବହୁ ଗରିବ ଲୋକମାନେ ଆବାସ ଯୋଜନାରୁ ବଞ୍ଚିତ ରହିଛନ୍ତି । ଏ ସମ୍ପର୍କରେ କଂଗ୍ରେସ ରାଜ୍ୟ ପ୍ରବକ୍ତା ସୁଦର୍ଶନ ଦାସଙ୍କ ସହିତ ପ୍ରତିନିଧି ଦଳ ବାଣିଦା ଗାଁକୁ ଯାଇ ସ୍ଥିତି ଅନୁଧ୍ୟାନ କରିଥିଲେ । ବିଭିନ୍ନ ଉନ୍ନୟନ କାର୍ଯ୍ୟ ସମ୍ପର୍କରେ ଅବଗତ ହେବା ସହିତ ଗ୍ରାମ୍ୟ ଉନ୍ନୟନ ବିଭାଗର ଏସ୍‌ଡିଓ ଅବନୀ ରାଉତ ଓ ଠିକାଦାର ସୁବ୍ରତ ପଣ୍ଡାଙ୍କ ସହିତ ଆଲୋଚନା କରି କାର୍ଯ୍ୟର ମାନ ଠିକ ରଖିବା ଓ ଯଥାଶୀଘ୍ର ଲୋକଙ୍କୁ ସେବା ଯୋଗାଇବାକୁ କହିଥିଲେ । ଏହି ପ୍ରତିନିଧି ଦଳରେ ଦାସଙ୍କ ସହିତ କିଶାନ କଂଗ୍ରେସ ସଭାପତି ସୁଦାମ ପାତ୍ର, କଂଗ୍ରେସ ନେତା ତ୍ରିଲୋଚନ ନାୟକ, ଅକ୍ଷୟ ନାୟକ, ଉମାଶଙ୍କର ମହାପାତ୍ର, ଗୌତମ ଦାସ, ପ୍ରଦୀପ ଦାସ, ସତ୍ୟରଞ୍ଜନ ଆଚାର୍ଯ୍ୟ, ଉମାକାନ୍ତ ଦଳାଇ, ଦିଲୀପ ଦାସ, ବସନ୍ତ ମହାନ୍ତି, ନିର୍ମଳ ଦାସ, ୱାର୍ଡସଭ୍ୟ ସଞ୍ଜୀବ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।



ଲୋକେ କାଦୁଅ ରାସ୍ତାରେ ଯାଉଛନ୍ତି।

## ଛାତ୍ରୀଛାତ୍ରଙ୍କୁ ପୋଷାକ ବିତରଣ

ଭଣ୍ଡାରିପୋଖରୀ,(ରବିନାରାୟଣ ଖିଲାର)-ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ପୁରିପଡ଼ା ପ୍ରାଥମିକ ବିଦ୍ୟାଳୟର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି କାଠିଆ ଜେନା ସଭାପତିତ୍ୱ କରିଥିଲେ। ସରପଞ୍ଚ ଦେବଦାସୀ ଜେନା, ସିଆରସିସି ପୁଷ୍ପକ ଚନ୍ଦ୍ର ଭାରତୀ, ପ୍ରଧାନ ଶିକ୍ଷୟିତ୍ରୀ ବାସନ୍ତୀଲତା ନାୟକ, ଶିକ୍ଷାବିତ୍ ଅର୍ଜୁନ ସାହୁ, ସାମାଜିକ କର୍ମୀ ସୌମ୍ୟରଞ୍ଜନ ଜେନା, ରବୀନ୍ଦ୍ର ଦେଓ, ସୀତାରାଣୀ ବେହୁରିଆ ପ୍ରମୁଖ ବୈଠକରେ ଯୋଗଦେଇ ଶିକ୍ଷା ପଦ୍ଧତି ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କୁ ପୋଷାକ ବିତରଣ କରାଯାଇଥିଲା।

## ସଂକ୍ଷେପରେ

### ଘର ଭାଙ୍ଗିଲା ଗୋଠଛଡ଼ା ଦନ୍ତା

ପାଟଣା,୧୭।୭(ବୀରକିଶୋର ଦାଶ)- କେନ୍ଦୁଝର ଜିଲା ପାଟଣା ରେଞ୍ଜ ଅଞ୍ଚଳରେ ଏକ ଗୋଠଛଡ଼ା ଦନ୍ତାହାତୀ ଉତ୍ପାତ ଚଳାଇଛି। ରବିବାର ରାତିରେ ଏହି ରେଞ୍ଜ ଅଧୀନ କ୍ଷୀରେଇ ଟାଙ୍ଗିରି ଗ୍ରାମର ବଳଭଦ୍ର ନାଏକଙ୍କ ଘର ଭାଙ୍ଗିବା ସହ ଘର ଭିତରେ ଥିବା ଧାନଚାଉଳ ଖାଇ ନଷ୍ଟ କରିଛି। ପରିବାର ଲୋକେ ଘର ଭିତରେ ଶୋଇଥିବା ବେଳେ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଏହି ଦନ୍ତା ସଦର ରେଞ୍ଜ ବେଲଦା ଗାଁ ନିକଟ ଜଙ୍ଗଲରେ ଡେରା ପକାଇଥିବା ଡେପୁଟି ରେଞ୍ଜର ଅମୂଲ୍ୟ ସେନାପତି କହିଛନ୍ତି। ଖୁବଶୀଘ୍ର ହାତୀକୁ ଘଉଡାଇବା ସହ କ୍ଷତିପୂରଣ ଯୋଗାଇ ଦେବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

### ନାମଲେଖା ପାଇଁ ହେଲ୍ପଡେସ୍କ




ଭଦ୍ରକ, ୧୭।୭ (ସନାତନ ରାଉତ)- ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ କ୍ରମେ ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସଭାପତି ତଥା ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀଙ୍କ ସହଯୋଗରେ ଏବଂ ବିଧାୟକ ସଞ୍ଜୀବ କୁମାର ମଲ୍ଲିକଙ୍କ ନିର୍ଦ୍ଦେଶକ୍ରମେ ଭଦ୍ରକ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ଭଦ୍ରକ କଲେଜରେ ନୂତନ ଛାତ୍ରୀଛାତ୍ରଙ୍କ ନାମଲେଖାରେ ସହଯୋଗ ପାଇଁ ଏକ ହେଲ୍ପଡେସ୍କ ସୋମବାର ଉଦ୍‌ଘାଟନ କରାଯାଇଛି। ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସମ୍ପାଦକ ଭାସ୍କର ମହାଲିକ ଏହାକୁ ଉଦ୍‌ଘାଟନ କରିଛନ୍ତି। ପ୍ରଭାତ ଲେଙ୍କା, ଅଂଶୁମାନ ମହାନ୍ତି, ନିତିଶ ପଣ୍ଡା, ପ୍ରିୟବ୍ରତ ପଣ୍ଡା, ଦିଗ୍‌ବିଜୟ ପ୍ରଧାନ, ଅଶ୍ରୁମୋଚନ ମହାନ୍ତି, ପ୍ରିୟାଂଶୁ ନାୟକ ପ୍ରମୁଖ ସହଯୋଗ କରିଥିଲେ।

# ୩ କି.ମି.ଚାଲିଲେ ଛାତ୍ରୀଛାତ୍ର

- ୩୩୯ ପିଲାଙ୍କୁ ୩ ଶିକ୍ଷକ
- ଜିଲାପାଳଙ୍କୁ ଭେଟିବାକୁ ଆସୁଥିଲେ
- ପ୍ରତିଶ୍ରୁତି ପାଇ ଅଧାବାଟରୁ ଫେରିଲେ

ବାରିପଦା,୧୭।୭(ନୀଳାଦ୍ରି ବିହାରୀ ଦଣ୍ଡପାଟ)


ଜିଲାପାଳଙ୍କୁ ଭେଟିବାକୁ ଚାଲିଚାଲି ଯାଉଥିବା ଛାତ୍ରୀଛାତ୍ର।

ମୟୂରଭଞ୍ଜ ଜିଲା ବାରିପଦାର ଲକ୍ଷ୍ମୀପୋଷିସ୍ଥିତ ସୁବର୍ଣ୍ଣରେଖା ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ଅଭାବକୁ ନେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଶିକ୍ଷକ ପଦବୀ ପୂରଣ ନିମନ୍ତେ ସୋମବାର ଶତାଧିକ ଛାତ୍ରୀଛାତ୍ର ସ୍କୁଲରୁ ୩ କି.ମି. ଚାଲିଚାଲି ଜିଲାପାଳଙ୍କୁ ଭେଟିବାକୁ ଆସିଥିଲେ। ଖବରପାଇ ବାରିପଦା ସଦର ଉପଜିଲାପାଳ ଈଶ୍ୱର ଚନ୍ଦ୍ର ନାଏକ, ଏଡିଇଓ ନିତ୍ୟାନନ୍ଦ ବାରିକ ଓ ବାରିପଦା ତହସିଲଦାର ଛାତ୍ରୀଛାତ୍ରଙ୍କୁ ଅଟକାଇ ୭ଦିନ ମଧ୍ୟରେ ଶିକ୍ଷକ ପଦବୀ ପୂରଣ ହେବ ବୋଲି ପ୍ରତିଶ୍ରୁତି ଦେବା ପରେ ଛାତ୍ରୀଛାତ୍ରମାନେ ସ୍କୁଲକୁ ଫେରିଥିଲେ।

ସୂଚନାଯୋଗ୍ୟ, ସଦର ବ୍ଲକ ଲକ୍ଷ୍ମୀପୋଷି ଅଞ୍ଚଳରେ ଶିକ୍ଷାର ବିକାଶ ନିମନ୍ତେ ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ ପକ୍ଷରୁ ୧୯୯୨ରେ ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ ମିଶ୍ରିତ ଉଚ୍ଚ ବିଦ୍ୟାଳୟ ଖୋଲାଯାଇଥିଲା। ଏଥିରେ ଚଳିତ ବର୍ଷ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୩୩୯ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ସେଥି ମଧ୍ୟରୁ୨୦୦ ଛାତ୍ରଙ୍କୁ ନେଇ ସ୍କୁଲ ପରିଚାଳନା କମିଟି ଜରିଆରେ ଛାତ୍ରାବାସ ଚାଲିଥିବା ବେଳେ ୩ଜଣ ନିୟମିତ ଶିକ୍ଷକ ଓ ୨ଜଣ ଆଉଟ୍‌ସୋର୍ସିଂ ଶିକ୍ଷକଙ୍କୁ ନେଇ ପାଠପଢ଼ା ହେଉଛି। ଆବଶ୍ୟକ ଅନୁଯାୟୀ ଶିକ୍ଷକ ନ ଥିବାରୁ ଛାତ୍ରୀଛାତ୍ରମାନେ ଶିକ୍ଷାରୁ ବଞ୍ଚିତ ହେଉଛନ୍ତି। ଏ ନେଇ ପ୍ରଧାନ ଶିକ୍ଷକ ବାରମ୍ବାର ଜଳସେଚନ ବିଭାଗର ମୁଖ୍ୟ ନିର୍ବାହୀ ଯନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିଭାଗ ପକ୍ଷରୁ ଉକ୍ତ ବିଦ୍ୟାଳୟକୁ ସ୍କୁଲ ଏବଂ ଗଣଶିକ୍ଷା ବିଭାଗ ଅଧୀନକୁ ନେବା ପାଇଁ ଅନୁରୋଧ କରାଯାଇଥିଲା। ସୁବର୍ଣ୍ଣରେଖା ଓ ବୁଢ଼ାବଳଙ୍ଗ ଜଳସେଚନ ବିଭାଗର ମୁଖ୍ୟ ନିର୍ବାହୀ ଯନ୍ତ୍ରୀଙ୍କ ଚିଠି ନଂ.୩୪୦୩/ ୮।୬।୨୦୨୩ରେ ଜିଲାପାଳଙ୍କୁ ଅବଗତ କରାଯାଇଥିଲା। ତେବେ ବିଦ୍ୟାଳୟରେ ଉପୁଜିଥିବା ସମସ୍ୟା ପ୍ରତି କୌଣସି ପଦକ୍ଷେପ ଜିଲା ପ୍ରଶାସନ ଗ୍ରହଣ ନ କରିବାରୁ କୋମଳମତି ଛାତ୍ରୀଛାତ୍ରମାନେ ସ୍କୁଲରୁ ଗୋଡ଼ କାଢ଼ିବାକୁ ବାଧ ହୋଇଥିଲେ।

ଏ ସଂକ୍ରାନ୍ତରେ ପ୍ରଧାନ ଶିକ୍ଷକ ଜହରଲାଲ ପାତ୍ର କୁହନ୍ତି, ଶିକ୍ଷକ ସମସ୍ୟାକୁ ନେଇ ସୁବର୍ଣ୍ଣରେଖା ଜଳସେଚନ ବିଭାଗକୁ ଅବଗତ କରିଛି। ଶିକ୍ଷକମାନେ ଅବସର ଗ୍ରହଣ କରିବା ପରେ ବହୁ ପଦବୀ ଫାଙ୍କା ପଡ଼ିଛି। ତେବେ ଅଳ୍ପ ସଂଖ୍ୟକ ଶିକ୍ଷକ ରହିଥିବା ବେଳେ ଦୀର୍ଘଦିନରୁ କିରାଣି ପଦବୀ ଖାଲି ପଡ଼ିଛି। ଛାତ୍ରୀଛାତ୍ରମାନଙ୍କ ବାୟୋଡାଟା ପୂରଣ କରିବା ସହ ଅଫିସ କାର୍ଯ୍ୟ କରିବାକୁ ପଡୁଛି। ଫଳରେ ପାଠପଢ଼ା ଠିକ୍ ଭାବେ କରାଯିବା ସମ୍ଭବ ହୋଇପାରୁନାହିଁ। ପିଲାଙ୍କ ଭବିଷ୍ୟତକୁ ନେଇ ଅଭିଭାବକମାନେ ଚିନ୍ତାରେ ପଡ଼ିଥିବା ବେଳେ ଜିଲା ପ୍ରଶାସନ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି।

ସେଲ୍‌ଫି କର୍ଭର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
balasoreselfie@gmail.com


@ଅମୀୟ


@ସୌମିତ୍ର

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।

## ପିଲାଦିନରୁ ଜଣାପଡିଥିଲା ପ୍ରତିଭା

# ଗୀତ ଗାଇ ମନ ଜିଣୁଛନ୍ତି ପ୍ରଥମ

ସିମୁଳିଆ, ୧୭।୭(ସନ୍ତୋଷ କୁମାର ନାୟକ)

ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ବାଙ୍ଗରଖଡିଗଡିଆ ପଞ୍ଚାୟତ ଅଧୀନ ଛଚିନ୍ଦା ଅଞ୍ଚଳର ସରୋଜିନୀ ଓ ପ୍ରଭାତ କୁମାର ବେହେରାଙ୍କ ପୁଅ ପ୍ରଥମ। ମାତ୍ର ୧୩ ବର୍ଷ ବୟସରେ ଗୀତ ଗାଇ ସମସ୍ତଙ୍କ ମନ ଜିଣିପାରିଥିବା ବେଳେ କ୍ଲଷ୍ଟର ସ୍ତରୀୟ ଓ ବ୍ଲକ ସ୍ତରୀୟ ସୁରଭି ପ୍ରୋଗ୍ରାମଠାରୁ ଆରମ୍ଭ କରି ସିମୁଳିଆ ମହୋତ୍ସବ, ଜିଲା ଓ ରାଜ୍ୟସ୍ତରୀୟ ପ୍ରୋଗ୍ରାମରେ ସଙ୍ଗୀତ ପରିବେଷଣ ପାଇଁ ୨୨ଟି ସାର୍ଟିଫିକେଟ ସହିତ ସିଲ୍ଡ ମଧ୍ୟ ହାସଲ କରିଛନ୍ତି। ତାଙ୍କ ବାପା ଏକ ଘରୋଇ କମ୍ପାନୀରେ କାର୍ଯ୍ୟ କରୁଥିବା ବେଳେ ମା' ଜଣେ ଗୃହିଣୀ। ତେବେ ସେ ସରକାରୀ ହେଉ କିମ୍ବା ବେସରକାରୀ ବିଭିନ୍ନ କାର୍ଯ୍ୟକ୍ରମର ପ୍ରାରମ୍ଭିକ ସଙ୍ଗୀତ ଗାନ କରନ୍ତି



ପ୍ରଥମ। ସ୍ଥାନୀୟ ରଘୁନାରାୟଣ ସରକାରୀ ଉଚ୍ଚ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀରେ ସେ ପାଠ ପଢୁଛନ୍ତି। କେବଳ ଗୀତ ନୁହେଁ ଅଭିନୟ, ବକ୍ତୃତାରେ ମଧ୍ୟ ସେ ମାହିର। ବିଭିନ୍ନ ଟିଭି ପ୍ରୋଗ୍ରାମରେ ମଧ୍ୟ ସେ ଗୀତ ଗାଇ ନାମ କରିଛନ୍ତି। ଭବିଷ୍ୟତରେ ପ୍ରଥମ ଜଣେ ସଙ୍ଗୀତଜ୍ଞ ହେବାକୁ ଲକ୍ଷ୍ୟ ରଖିଛନ୍ତି। ପିଲାଦିନେ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ତୃତୀୟ ଶ୍ରେଣୀରେ ପାଠ ପଢୁଥିବା ବେଳେ ପ୍ରଥମ ଭଲ ଗୀତ ଗାଇପାରିବେ ବୋଲି ତାଙ୍କ ଶିକ୍ଷକ ବୈଲୋଚନ ପଣ୍ଡା ଜାଣିପାରିଥିବା ତାଙ୍କ ମା' ସରୋଜିନୀ କହିଛନ୍ତି। ତେବେ ପ୍ରଥମ ସଙ୍ଗୀତଗୁରୁ ପଦ୍ମଲୋଚନ ଦାଶ, ଗୋପାଳଚନ୍ଦ୍ର ଦେ ଓ ମଧୁସୂଦନ ରାଉତଙ୍କ ନିକଟରୁ ସଙ୍ଗୀତ ଶିକ୍ଷା କରୁଥିବା ତାଙ୍କ ବାପା ପ୍ରଭାତ ସୂଚନା ଦେଇଛନ୍ତି।

# ସାପ କାମୁଡ଼ାରେ ୭ ମାସର ଶିଶୁ ମୃତ

ପାଟଣା, ୧୭।୭ (ବୀରକିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ ପଲାଶଘାଟି ପଞ୍ଚାୟତ ଗୋଧିରାମପଡ଼ା ଗ୍ରାମରେ ସାପ କାମୁଡ଼ାରେ ଜଣେ ୭ମାସର ଶିଶୁକନ୍ୟାର ମୃତ୍ୟୁ ଘଟିଛି। ମୃତ ଶିଶୁକନ୍ୟା ହେଲେ ସୁନୀଲ ମାଝୀଙ୍କ ଝିଅ ଦିଗି। ଶିଶୁକନ୍ୟା ରବିବାର ରାତିରେ ମା'ଙ୍କ ସହ ଘର ଚଟାଣରେ ଶୋଇଥିବା ବେଳେ ଏକ ବିଷଧର ପାହାଡ଼ିଆ ଚିତି ସାପ ତାକୁ କାମୁଡ଼ି ଦେଇଥିଲା। ଗୁରୁତର ଅବସ୍ଥାରେ ଶିଶୁକୁ ପ୍ରଥମେ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ସୋମବାର ଶିଶୁକନ୍ୟାର ମୃତ୍ୟୁ ଘଟିଛି। ଏନେଇ ଘଟଗାଁ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ଗୋନାସିକା ପୀଠରେ ଜଳାଭିଷେକ

କେନ୍ଦୁଝର, ୧୭।୭ (ନରେଶ ଚନ୍ଦ୍ର ପଟ୍ଟନାୟକ)-ଶ୍ରାବଣ ମାସର ଦ୍ୱିତୀୟ ସୋମବାର କେନ୍ଦୁଝର ଜିଲାର ବିଭିନ୍ନ ଶୈବପୀଠରେ କାଉଡ଼ିଆଙ୍କ ଭିଡ଼ ଜମିଥିଲା। ବୈତରଣୀ ନଦୀର ଉତ୍ପତ୍ତିସ୍ଥଳ ଗୋନାସିକାସ୍ଥିତ ବ୍ରହ୍ମେଶ୍ୱର ମହାଦେବ ମନ୍ଦିରରେ ସକାଳୁ ବହୁ କାଉଡ଼ିଆ ଜଳାଭିଷେକ କରିଥିଲେ। ବୋଲବମ୍ ଧ୍ୱନିରେ ଚତୁର୍ଦ୍ଦିଗ ପ୍ରକମ୍ପିତ ହୋଇ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ଏହି ଅବସରରେ ବିଭିନ୍ନ ସାମାଜିକ ସଙ୍ଗଠନ ପକ୍ଷରୁ ପ୍ରସାଦ ବଣ୍ଟନ ବ୍ୟବସ୍ଥା କରାଯାଇଥିଲା। ଜିଲାର ପ୍ରମୁଖ ଶୈବପୀଠ ମୃଗା ମହାଦେବ, ବାରହାଟିପୁରା, ଦେଓଗାଁ-କୁଶଳେଶ୍ୱର ମହାଦେବ, ସିଦ୍ଧମଠ ଆଦି ପୀଠରେ କାଉଡ଼ିଆଙ୍କ ଭିଡ଼ ଜମିଥିଲା। ରବିବାରଠାରୁ କାଉଡ଼ିଆ ବିଭିନ୍ନ ନଦୀରୁ ଜଳ ଉଠାଇଥିଲେ। ପୋଲିସ ଓ ଜିଲା ପ୍ରଶାସନ ପକ୍ଷରୁ ସେମାନଙ୍କ ସୁରକ୍ଷା ପାଇଁ ବ୍ୟବସ୍ଥା କରାଯାଇଥିଲା।

# ପଞ୍ଚଲିଙ୍ଗେଶ୍ୱର ଶୈବପୀଠରେ କାଉଡ଼ିଆଙ୍କ ଭିଡ଼



## ଶ୍ରାବଣ ଦ୍ୱିତୀୟ ସୋମବାର

ନୀଳଗିରି, ୧୭।୭(ପ୍ରଶାନ୍ତ ବିଶ୍ୱାଳ)

ଶ୍ରାବଣ ମାସର ଦ୍ୱିତୀୟ ସୋମବାର ଆଧ୍ୟାତ୍ମିକ ପରିବେଶ ମଧ୍ୟରେ କାଉଡ଼ିଆଙ୍କ ବୋଲବମ୍ ହର୍ ହର୍ ବମ୍, ଭୋଲା ବାବା ପାର୍ କରେଗା... ଧ୍ୱନିରେ ପ୍ରକମ୍ପିତ ହୋଇଉଠିଥିଲା ଉତ୍ତରଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ବାବା ପଞ୍ଚଲିଙ୍ଗେଶ୍ୱର।

ରାଜ୍ୟ ଏବଂ ରାଜ୍ୟ ବାହାରୁ ହଜାର ହଜାର କାଉଡ଼ିଆମାନେ ବଡ଼ ଉତ୍ସାହର ସହ ବିଭିନ୍ନ ନଦୀରୁ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରି ଜଳ ଆଣି ଚାଲି ଚାଲି ଆସିବା ସହ ୨୬୩ଟି ପାହାଚ ଚଢ଼ି ଧାଡିରେ ଆସି ରବିବାର ରାତି ୧୨ଟା ପରଠାରୁ ମହାଦେବଙ୍କୁ ଜଳାଭିଷେକ କରିଥିଲେ। ନୂଆ କରି ଆସିଥିବା କେତେଜଣ କାଉଡିଆ ଏଠାକାର ରମଣୀୟ ପ୍ରାକୃତିକ ପରିବେଶ ସହ ଚିରସ୍ରୋତା ଝରଣାର କୁଳୁକୁଳୁ ନାଦ ଓ ନୀର ଶଯ୍ୟାରେ ବିଜେ ମହାଦେବଙ୍କୁ ଦେଖି ବିଭୋର ହୋଇଥିଲେ। ପ୍ରଥମ ପାଳି ଅପେକ୍ଷା ଦ୍ୱିତୀୟ ପାଳିରେ ଅଧିକ ଜନସମାଗମକୁ ଦୃଷ୍ଟିରେ ରଖି ସୁରକ୍ଷା ଦୃଷ୍ଟିରୁ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା।

# ବିଦ୍ୟାଳୟରେ ଏସ୍‌ଏଚ୍‌ଜି ନିଯୁକ୍ତିରେ ଅନିୟମିତତା

## ବିଡିଓଙ୍କୁ ଭେଟି ଅଭିଯୋଗ କଲେ ଗୋଷ୍ଠୀ ସଦସ୍ୟା

ଧାମନଗର,୧୭।୭(ସନ୍ତୋଷ କୁମାର ମହାପାତ୍ର)

ଭଦ୍ରକ ଜିଲା ଧାମନଗର ବ୍ଲକର ସରକାରୀ ଉଚ୍ଚ ବିଦ୍ୟାଳୟଗୁଡ଼ିକରେ ଏସ୍‌ଏଚ୍‌ଜି (ସ୍ୱୟଂସହାୟକ ଗୋଷ୍ଠୀ) କିମ୍ବା ସଂଘର ସଦସ୍ୟାମାନଙ୍କୁ ସ୍କୁଲର ବିଭିନ୍ନ ପଦବୀରେ ନିଯୁକ୍ତି ପାଇଁ ଜିଲା ସମାଜ ମଙ୍ଗଳ ଅଧିକାରୀ ପତ୍ର ସଂଖ୍ୟା ୨୯୪୫/୨୨ରେ ବିଜ୍ଞାପନ ପ୍ରକାଶ ପାଇଥିଲା। ଉକ୍ତ ନିଯୁକ୍ତିରେ ଅନିୟମିତତା ଓ ଜାଲିଆତିକୁ ନେଇ ଦଇପୁର ପଞ୍ଚାୟତର ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟାମାନେ ସୋମବାର ବିଡିଓ ବନବିହାରୀ ଦିଣ୍ଡାଙ୍କୁ ଭେଟି ଅଭିଯୋଗ କରିଛନ୍ତି।

ଚୂଡ଼ାକୁଟି ଇନ୍ଦ୍ରଗୋବିନ୍ଦ ନୋଡାଲ ଉଚ୍ଚ ବିଦ୍ୟାଳୟରେ ଏକ ମହିଳା ଗୋଷ୍ଠୀ ସଦସ୍ୟାମାନେ ଚଞ୍ଚକତା କରି ରକ୍ଷଣାବେକ୍ଷଣ, ରାତ୍ରଜଗୁଆଳି, ସୁଇପର ଆଦି ପଦବୀରେ ନିଯୁକ୍ତି ପାଇଛନ୍ତି। ଏହା ସରକାରୀ ନିୟମକୁ ଉଲ୍ଲଂଘନ କରିଥିବା ନେଇ ନାରାୟଣପୁର ରାଜସ୍ୱ ଗ୍ରାମର ବାଟେଶ୍ୱର ମହିଳା ଗୋଷ୍ଠୀର ସଦସ୍ୟାମାନେ ଅଭିଯୋଗ କରିଛନ୍ତି। ନିୟମାନୁଯାୟୀ ଗୋଷ୍ଠୀ ଗଠନକୁ ୨ ବର୍ଷ ପୂର୍ଣ୍ଣ ହୋଇଥିବ, ବିଦ୍ୟାଳୟ ନିକଟସ୍ଥ ଗ୍ରାମର ଗୋଷ୍ଠୀକୁ ଅଗ୍ରାଧିକାର ଦିଆଯିବ, ଗୋଷ୍ଠୀର ମାସିକ ସଞ୍ଚୟ ନିୟମିତ ହେଉଥିବ ଓ ସମସ୍ତ କାଗଜପତ୍ର ଠିକ୍ ଥିବା ଆବଶ୍ୟକ। କିନ୍ତୁ ନିଯୁକ୍ତି ପାଇଥିବା ଗୋଷ୍ଠୀ ବିଦ୍ୟାଳୟଠାରୁ ବହୁ ଦୂରରେ ବୋଲି ସେମାନେ ଅଭିଯୋଗରେ ଦର୍ଶାଇଛନ୍ତି। ଏହି ନିଯୁକ୍ତି ବାତିଲ କରି ପୁନଃ ନିଯୁକ୍ତି ପ୍ରକ୍ରିୟା କରିବାକୁ ରୀତାଞ୍ଜଳି ଯେନା, ଅପରାଜିତା ମୁଦୁଲି, ଦ୍ରୌପଦୀ ସେଠୀ, ପ୍ରତିମା ପାଢ଼ୀ, ହରପ୍ରିୟା ଯେନା, ରଶ୍ମିତା ପଣ୍ଡା, ମଞ୍ଜୁଲତା ଯେନା, ଟିଙ୍କିନା ଯେନା ପ୍ରମୁଖ ଦାବି କରିଛନ୍ତି।

# ମିଳିତ ଆଦିବାସୀ କଲ୍ୟାଣ ମଞ୍ଚର ନୂତନ କାର୍ଯ୍ୟକର୍ତ୍ତା


ମିଳିତ ଆଦିବାସୀ କଲ୍ୟାଣ ମଞ୍ଚର କର୍ମକର୍ତ୍ତାଙ୍କ ସହ ଆଦିବାସୀ ନେତା।

କେନ୍ଦୁଝର,୧୭।୭(ନରେଶ ପଟ୍ଟନାୟକ/ଦୀପକ ମିଶ୍ର)

କେନ୍ଦୁଝର ମିଳିତ ଆଦିବାସୀ କଲ୍ୟାଣ ମଞ୍ଚର କାର୍ଯ୍ୟକାରିଣୀ କମିଟି ବୈଠକ ସ୍ଥାନୀୟ ଭୂୟାଁ ସାଂସ୍କୃତିକ ସମାଜ ସଭାଗୃହରେ ଜନାର୍ଦ୍ଦନ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପୂର୍ଣ୍ଣାଙ୍ଗ କାର୍ଯ୍ୟକାରିଣୀ କମିଟି ଗଠନ କରାଯାଇଛି। ସଭାପତି ଭାବେ ଜନାର୍ଦ୍ଦନ ନାୟକ, କାର୍ଯ୍ୟକାରୀ ସଭାପତି ଶ୍ୟାମ ସୁନ୍ଦର ନାଏକ, ଉପସଭାପତି ଭାବେ ସମରା ଟୁଡୁ, ଇନ୍ଦ୍ରମଣି ଦେହୁରୀ, ପ୍ରଭାତ କୁମାର ନାଏକ, ସାଧାରଣ ସମ୍ପାଦକ ମକରଧ୍ୱଜ ନାଏକ ଓ ସହସମ୍ପାଦକ ଭାବେ ସଞ୍ଜୟ ଗିରି ସର୍ବସମ୍ମତିକ୍ରମେ ନିର୍ବାଚିତ ହୋଇଛନ୍ତି। ପ୍ରାଣବଲ୍ଲଭ ନାୟକ, ଭାଗୀରଥୀ ନାୟକ, କାଙ୍ଗାଳି ଚରଣ ନାୟକ, ରାମେଶ୍ୱର ମାଝୀ, ଓ ତହସିଲଦାର ହାଁସଦାଙ୍କୁ ଉପଦେଷ୍ଟା ମଣ୍ଡଳୀର ସଦସ୍ୟ ଭାବେ ଚୟନ କରାଯାଇଛି। ଏହି କମିଟିକୁ ପରବର୍ତ୍ତୀ ସମୟରେ ସମ୍ପ୍ରସାରଣ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ବୈଠକରେ ବହୁ ଆଦିବାସୀ ନେତା ଉପସ୍ଥିତ ଥିଲେ।

### ୱାର୍ଡସଭ୍ୟ ଉପନିର୍ବାଚନ ନାମାଙ୍କନ ଦାଖଲ କଲେ ଦୁଇ ପ୍ରାର୍ଥୀ

ରୂପସା, ୧୭।୭(ବାଞ୍ଛାନିଧି ଦେ)-ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ରୂପସା ସାମିଲ ହାସନପୁର ପଞ୍ଚାୟତର ଚକ ପୋଡ଼ାଡ଼ିହା ଗ୍ରାମର ୱାର୍ଡ଼ସଭ୍ୟ ଉପନିର୍ବାଚନ ପାଇଁ ସୋମବାର ଦୁଇ ପ୍ରାର୍ଥୀ ନିଜର ନାମାଙ୍କନପତ୍ର ଦାଖଲ କରିଛନ୍ତି। ଆସନ୍ତା ଅଗଷ୍ଟ ୯ତାରିଖରେ ଉପ-ନିର୍ବାଚନ ପାଇଁ ପ୍ରଶାସନ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ନିର୍ବାଚନ ଅଧିକାରୀ ବେଣୁଧର ପୃଷ୍ଟିଙ୍କ କାର୍ଯ୍ୟାଳୟରେ ଦୁଇ ପ୍ରାର୍ଥୀ ବିଜୟ ଗୋଛାୟତ ଓ ଅମରନାଥ ଗୋଛାୟତ ନିଜ ନିଜ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ଏହି ପ୍ରାର୍ଥିପତ୍ର ଦାଖଲ ବେଳେ ୨୮ ନମ୍ବର ଜୋନର ଜିଲାପରିଷଦ ସଭ୍ୟ ସଞ୍ଜୟ ସେଠୀ, ସରପଞ୍ଚ ପ୍ରତିନିଧି ମନୋରଞ୍ଜନ ପ୍ରଧାନ, ବରିଷ୍ଠ ସାମାଜିକ କର୍ମୀ ନିରଞ୍ଜନ ପଣ୍ଡା, ପିଙ୍କୁ ବେହେରା, ସନ୍ତୋଷ ପଣ୍ଡା, ଗଦାଧର ବେହେରା, ରାଜା ପଣ୍ଡା, ପପୁ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରକାଶ ଥାଉକି ଏହି ଗ୍ରାମର ୱାର୍ଡ଼ସଭ୍ୟ ବନ୍ଧନ ଗୋଛାୟତ ଜିଆର୍‌ଏସ୍ ଭାବେ ଚାକିରୀ ପାଇବା ପରେ ଏହି ପଦରୁ ଇସ୍ତଫା ଦେଇଥିଲେ।

# ଅବ୍ୟବସ୍ଥାରେ ଜଳଲାଗି କଲେ କାଉଡ଼ିଆ

- ଆଖଣ୍ଡଳମଣି ପୀଠରେ ଅସମ୍ଭାଳ ଭିଡ଼
- ବ୍ୟାରିକେଡ୍ ଭାଙ୍ଗିଦେଲେ, ଧସ୍ତାଧସ୍ତିରେ ୩ ଆହତ
- ଅଣାୟତ୍ତ ହେଲା ଟ୍ରାଫିକ୍ ସମସ୍ୟା


କାଉଡ଼ିଆମାନେ ଜଳଲାଗି ପାଇଁ ଧାଡ଼ିରେ ଛିଡ଼ା ହୋଇଛନ୍ତି।

ଆରଡ଼ି, ୧୭।୭ (ଦୀପ୍ତି ରଞ୍ଜନ ନାୟକ)

ଭଦ୍ରକ ଜିଲା ଆରଡ଼ି ଆଖଣ୍ଡଳମଣି ପୀଠରେ ସୋମବାର କାଉଡ଼ିଆମାନେ ଶ୍ରାବଣୀ ମହାଦେବଙ୍କ ମସ୍ତକରେ ଜଳଲାଗି କରିଛନ୍ତି। ରବିବାର ପୀଠରେ କାଉଡ଼ିଆଙ୍କ ଅସମ୍ଭାଳ ଭିଡ଼କୁ ଲକ୍ଷ୍ୟ କରି ଅପରାହ୍ନ ୪ଟାରୁ ଜଳଲାଗି କାର୍ଯ୍ୟ ଆରମ୍ଭ ହୋଇଥିଲା। ସୋମବାର ଜଳଲାଗି କରିବା ପାଇଁ ବହୁ କାଉଡ଼ିଆ ଲମ୍ବା ଲାଇନରେ ଘଣ୍ଟା ଘଣ୍ଟା ଛିଡ଼ା ହୋଇଥିଲେ। ସକାଳ ୫ଟାରୁ କାଉଡ଼ିଆଙ୍କର ଅସମ୍ଭବ ଭିଡ଼ ହୋଇଥିଲା। ଲାଇନରେ ଥିବା କାଉଡ଼ିଆ ଠେଲାପେଲା ଲାଗିବା ସହ ଦୁର୍ବଳ ବ୍ୟାରିକେଡ୍‌କୁ ଭାଙ୍ଗି ଦେଇଥିଲେ। ଏପରିକି ୩ଜଣ କାଉଡ଼ିଆ ଧସ୍ତାଧସ୍ତିରେ ତଳେ ପଡ଼ି ସାମାନ୍ୟ ଆହତ ହୋଇଥିଲେ। ସ୍ୱଳ୍ପ ସଂଖ୍ୟକ ପୋଲିସ ନିଯୁକ୍ତ ଯୋଗୁ ଟ୍ରାଫିକ ସମସ୍ୟା ନିୟନ୍ତ୍ରଣ ବାହାରକୁ ଚାଲିଯାଇଥିଲା। ଆରଡ଼ିରୁ ମଠଡିହ, ମଠଡିହରୁ ସାଠିବାଙ୍କୁଡ଼ା ଓ ଦୋହରାପାଟଣା ଯାଏ ଯାନବାହନ ସକାଳ ୯ଟା ଯାଏ ଅଟକି ରହିଥିଲା। ଫଳରେ ବହୁ କାଉଡ଼ିଆ ଓ ଦିଅଁ ଦର୍ଶନ ପାଇଁ ପୀଠକୁ ଯାଉଥିବା ଶ୍ରଦ୍ଧାଳୁମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ସ୍ଥାନୀୟ ଓଳଗ, କୁଲେଇପଦା, ପହଣା, ସାଠିବାଙ୍କୁଡ଼ା ଗ୍ରାମର ଯୁବକମାନେ ଭିଡ଼ ନିୟନ୍ତ୍ରଣ ପାଇଁ ଆଗେଇ ଆସି ଟ୍ରାଫିକ ଜାମ୍ ହଟାଇବାରେ ସହାୟତା କରିଥିଲେ। ପ୍ରବଳ ଭିଡ଼ ଯୋଗୁ କାଉଡ଼ିଆମାନେ ପୀଠର ଅନ୍ୟାନ୍ୟ ସ୍ଥାନରେ ମଧ୍ୟ ଜଳଲାଗି କରୁଥିବା ଦେଖିବାକୁ ମିଳିଥିଲା। ରବିବାର ଅପରାହ୍ନ ୪ଟାରୁ ସୋମବାର ଅପରାହ୍ନ ୩ଟା ଯାଏ ପ୍ରାୟ ୨୫ ହଜାର କାଉଡ଼ିଆ ଜଳଲାଗି କରିଥିବା ଜଣାଯାଇଛି।

ପୀଠରେ ଶାନ୍ତିଶୃଙ୍ଖଳା ରକ୍ଷା ସହ ଶ୍ରଦ୍ଧାଳୁମାନେ କିପରି ସୁରୁଖୁରୁରେ ଜଳଲାଗି କରିବେ, ସେଥିପାଇଁ ୨ମାସ ଆଗରୁ ଜିଲାପାଳଙ୍କ କାର୍ଯ୍ୟାଳୟରେ ସମୀକ୍ଷା ବୈଠକ ହେବା ସହ ଉପଜିଲାପାଳ ନିଜେ ପୀଠକୁ ଆସି ଏ ସଂକ୍ରାନ୍ତରେ ସେବାୟତ ଓ ପୋଲିସ ପ୍ରଶାସନ ସହ ଆଲୋଚନା କରିଥିଲେ। ହେଲେ ଏସବୁ ନିରର୍ଥକ ସାବ୍ୟସ୍ତ ହୋଇଛି ଏବଂ କାଉଡ଼ିଆମାନେ ଅବ୍ୟବସ୍ଥାରେ ଜଳଲାଗି କରିଥିବା ସ୍ଥାନୀୟ ଅଧିବାସୀ ପ୍ରକାଶ କରିଛନ୍ତି। ଅନ୍ୟପଟେ କାଉଡ଼ିଆ ଫେରିବା ଯାନରେ ଡିଜେ ଶବ୍ଦ ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଥିଲା। ଏଣୁ ଆସନ୍ତା ସୋମବାରଠାରୁ ଏହାକୁ ବନ୍ଦ କରିବାକୁ ପଦକ୍ଷେପ ନେବା ସହ ଭିଡ଼ ନିୟନ୍ତ୍ରଣ ପାଇଁ ଅଧିକ ପୋଲିସ ଫୋର୍ସ ମୁତୟନ କରାଯିବାକୁ ସେମାନେ ପ୍ରାଶାସନକୁ ନିବେଦନ କରିଛନ୍ତି।

# ଶୈବପୀଠରେ ଜମିଲା ଭିଡ଼


ଶିବ ମନ୍ଦିରରେ ଜଳଲାଗି ପାଇଁ ଭିଡ଼ ଜମାଇଥିବା କାଉଡ଼ିଆମାନେ।

ଯୋଡା,୧୭।୭(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ଅଞ୍ଚଳରେ ଥିବା ବିଭିନ୍ନ ଶୈବ ପୀଠରେ ଜଳଲାଗି କରିବା ପାଇଁ ସୋମବାର ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ଜମିଥିବା ଦେଖିବାକୁ ମିଳିଥିଲା। ପ୍ରସିଦ୍ଧ ଶୈବ ପୀଠ ମୁର୍ଗା ମହାଦେବ ମନ୍ଦିରରେ ପ୍ରାୟ ୩୦ ହଜାର ଶ୍ରଦ୍ଧାଳୁ ସମବେତ ହୋଇଥିଲେ। ପଶ୍ଚିମ ବଙ୍ଗ, ଝାଡ଼ଖଣ୍ଡ ଅଞ୍ଚଳରୁ କାଉଡ଼ିଆମାନେ ଆସି ବୈତରଣୀ ନଦୀରୁ ଜଳ ନେଇ ମହାଦେବଙ୍କଠାରେ ଜଳାଭିଷେକ କରିଥିଲେ। ସେହିପରି ଯୋଡ଼ା ବଟେଶ୍ୱର୍ ମନ୍ଦିର,ସପ୍ନେଶ୍ୱର୍ ମନ୍ଦିର, କୁନ୍ଦୁରୁନାଲା ଶିବ ମନ୍ଦିର, ଜୁରୁଡ଼ି ଶିବ ମନ୍ଦିର, ତିନି ଧାରିଆ ଶିବ ମନ୍ଦିର, ହାଣ୍ଡି ଭଙ୍ଗା ମନ୍ଦିରରେ ପ୍ରବଳ ଜନ ସମାଗମ ହୋଇଥିଲା। ଶ୍ରାବଣ ମାସର ଦ୍ୱିତୀୟ ସୋମବାର ତଥା ଏକ କାଳୀନ ସଂକ୍ରାନ୍ତି ଓ ଅମାବାସ୍ୟା ଭଳି ଏକ ଅଲଭ୍ୟ ଯୋଗ ପଡ଼ିଥିବାରୁ ଶୈବ ପୀଠଗୁଡ଼ିକରେ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିବା ଶିବ ଉପାସକ ତଥା ପଣ୍ଡିତ ପ୍ରତାପ କୁମାର ଦାସ କହିଛନ୍ତି।

